


କାଜଲ ଓ ତାର ବାପା ଜେଜେମା କୁ ଭେଟିବାକୁ ବାହାରନ୍ତି ।  କାଜଲ ବାପାଙ୍କ ସବୁ କଥା ଶୁଣେ । କିନ୍ତୁ ସେହି ଦୁଇଜଣଙ୍କ ସହ ଏତେ ମଜା ଓ ଆଶା କରାଯାଉନଥିବା ଘଟଣାଗୁଡିକ କଥାଗୁଡିକ କେମିତି ଘଟେ?

ମୂଲ୍ୟ: ₹ 90.00

parag
AN INITIATIVE OF TATA TRUSTS

eklavya

9 789348 176417

ODIA

ଆଶା ନେହମାୟା
ଚିତ୍ର ଶୁଭଶ୍ରୀ ମାଥୁର

# ବାପାଙ୍କ କଥା ଶୁଣିବୁ



eklavya



**ଆଶା ନେହମାୟା** ପିଲାଙ୍କ ପାଇଁ ଚିତ୍ର ପୁସ୍ତକ, ପାଠ୍ୟ ପୁସ୍ତକ, ଛୋଟ କାହାଣୀ ଓ ରହସ୍ୟ ଉପନ୍ୟାସ ଲେଖିବା ପାଇଁ ପ୍ରସିଦ୍ଧ ଅଟନ୍ତି । ତାଙ୍କ ଲିଖିତ କାହାଣୀଗୁଡିକ ରହସ୍ୟ ଓ ରୋମାଞ୍ଚ ସୃଷ୍ଟି କରେ । ତାଙ୍କର କୃତିଗୁଡିକରେ ସେ ରହସ୍ୟମୟ କଥାବସ୍ତୁକୁ ଭିନ୍ନଭିନ୍ନ ଢଙ୍ଗରେ ଉପସ୍ଥାପନ କରିବା ସହ, ଲିଙ୍ଗଗତ ସମାନତା ଓ ଘରୋଇ ହିଂସାଭଳି ଅନେକ ପ୍ରସଙ୍ଗକୁ ଯୋଡିଥାନ୍ତି ।

ଆଶା ବିଶ୍ୱାସ ରଖନ୍ତି ଯେ ପଢିବା ଆମ ପାଇଁ ଏକ ମହାଶକ୍ତି ଅଟେ। କାହାଣୀ ସମସ୍ତଙ୍କ ପାଇଁ ବିଶେଷକରି ପିଲାଙ୍କ ପାଇଁ ନୂଆ ନୂଆ ବିଚାର ଓ ସଂସ୍କୃତିକୁ ଜାଣିବା ପାଇଁ ଉତ୍ତମ ସୁଯୋଗ ଆଣିଥାଏ ।



**ଶୁଭଶ୍ରୀ ମାଥୁର** କୋଟା, ରାଜସ୍ଥାନର ଜଣେ ଚିତ୍ରକର, କାହାଣୀକାର ଓ ଡ଼ିଜାଇନ ଶିକ୍ଷକ ଅଟନ୍ତି। ବର୍ତ୍ତମାନ ସେ ବେଙ୍ଗାଲୁରରେ ରହୁଛନ୍ତି ।

ସେ ଚା ପିଇବା ଓ ବହି ପଢିବାକୁ ବହୁତ ଭଲ ପାଆନ୍ତି । ସବୁବେଳେ ସେ ପୁରୁଣା ଦିନର ଭାବନା ଭିତରେ ବୁଡ଼ି ରୁହନ୍ତି ଓ ସେହି ଭାବନାଗୁଡ଼ିକ ତାଙ୍କ କାଜଲକୃତିର ବିଷୟବସ୍ତୁ ହୋଇ ଫୁଟିଉଠେ । ବିଭିନ୍ନ ପ୍ରକାଶନ ସଂସ୍ଥାର ଚିତ୍ରକର ଭାବରେ କାର୍ଯ୍ୟ କରିବା ସହ, ତାଙ୍କର ଗବେଷଣା, ବ୍ରାଣ୍ଡିଂ ଓ ଲେଖାଲେଖିରେ ୮-୯ ବର୍ଷର ଅଭିଜ୍ଞତା ରହିଛି । ତାଙ୍କର ବିଶ୍ୱାସ ରହିଛି ଯେ ଦିନେ ସେ ନିଜର ବହି ଲେଖି ପ୍ରକାଶ କରିବେ ।



# ବାପାଙ୍କ କଥା ଶୁଣିବୁ

ଆଶା ନେହମାୟା
ଅନୁବାଦ ସନ୍ତୋଷ କୁମାର ମହାନ୍ତି
ଚିତ୍ର ଶୁଭଶ୍ରୀ ମାଥୁର

eklavya

# ବାପାଙ୍କ କଥା ଶୁଣିବୁ

BAPANKA KATHA SUNIBU

Author: Asha Nehemiah
Odia translation: Santosh Kumar Mohanty
Illustrations: Shubhshree Mathur
Visualisation & Design: Ishita Debnath Biswas
Publication: Indugu Laxmi, Bansi Sharma (Editorial support), Indu Nair, Khizar Mohammad, Kamlesh Yadav (Production)

Odia translation of *Listen to Appa* by Eklavya Foundation.

Text: Asha Nehemiah, 2023
Odia Translation: Eklavya Foundation, September 2025
You are free to copy, redistribute and adapt the text for non-commercial purposes with attribution to the original author and publisher, clearly indicating changed portions and under an identical license. For any other kind of permissions the author must be contacted through the publisher.

Illustrations © Shubhshree Mathur 2023

First edition: October 2025 / 1000 copies
Paper: 100 GSM Maplitho (paper) and 250 GSM FB Board (cover)
ISBN: 978-93-48175-41-7
Price: ₹ 90.00

Developed with financial support from Parag Initiative of the Tata Trusts.

Published by:
**EKLAVYA FOUNDATION**
Jamnalal Bajaj Parisar,
Jatkhedi, Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in | books@eklavya.in


Printed at: Box Corrugators and Offset printers, Bhopal, phone: +91 755 258 7651



ବର୍ଷା ଛାଡିଯାଇଥିଲା । ବାପା ଜେଜେମା ଘରକୁ ଯିବାକୁ ବାହାରିଲେ ।

କାଜଲ କହିଲା, "ମୁଁ ବାପାଙ୍କ ସହ ଆଈ ଘରକୁ ଯିବାକୁ ଚାହୁଁଛି ।"

"ଠିକ ଅଛି," ମାଆ ରାଜି ହେଲେ ।



"ବାପାଙ୍କ କଥା ଶୁଣିବୁ । ସେ ଯେମିତି
କହିବେ ସେମିତି କରିବୁ । ନିଜ ଡ୍ରେସ
ମଇଳା କରିବୁ ନାହିଁ," ମାଆ କହିଲେ ।

"ମୋ ହାତ ଜୋରରେ ଧର," ବାପା କହିଲେ ।
କାଜଲ ବାପାଙ୍କ ହାତକୁ ଜାବୁଡି ଧରିଲା ।



“ସେହି ପାଣି ଖାଲ ଭିତରେ ଚାଲିବୁ ନାହିଁ,”
ବାପା କହିଲେ ।





କାଜଲ ଖାଲ ଉପରେ ଡେଇଁ ବାହାରି ଆସିଲା ।

"ବାପା, ଦେଖ !"


"କାଜଲ, ରହ । ଏତେ ଜୋରରେ ନୁହେଁ,"
ବାପା ମନା କଲେ ।



କାଜଲ ଧୀରେ କହିଲା,
"ଦେଖିକି, ବାପା !"



"ଶୀଘ୍ର ଆ," ବାପା କହିଲେ ।
କାଜଲ ଶୀଘ୍ର ଶୀଘ୍ର ଚାଲିଲା ।





"କଣ ସବୁ ହେଲା?" ଜେଜେମା ପଚାରିଲେ ।
"ମୁଁ ଆଜି ବାପାଙ୍କ କଥା ଶୁଣିଲି । ସେଥିପାଇଁ ମୁଁ ଆଜି ଅସନା ହୋଇନି...



...ମୋ ବାପାଙ୍କ ପରି!"